# ଦିନିକିଆ ଓଡିଶା ଗସ୍ତରେ ଆସନ୍ତା କାଲି ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହା

**ଭୁବନେଶ୍ୱର, ତା.୨୩/୦୯:** ଆସନ୍ତା କାଲି ଏକ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ୍ ଶାହା । ଶ୍ରୀ ଶାହା ଆସନ୍ତା କାଲି ସକାଳ ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ଶ୍ରୀ ଶାହା ବିମାନ ବନ୍ଦରରୁ ସିଧାସଳଖ ପୁରୀ ଅଭିମୁଖେ ଯାତ୍ରା କରିବେ । ପୁରୀ ଗସ୍ତ ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଶାହାଙ୍କୁ ଭୁବନେଶ୍ୱରର କଳ୍ପନା ଛକ, ଉତରା ଛକ, ମଙ୍ଗଳପୁର, ସାତଶଂଖ, ସତ୍ୟବାଦୀ, ଚନ୍ଦନପୁର, ବ୍ରହ୍ମଗିରି ବାଇପାସ ଏବଂ ଅଠରନଳାଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ସ୍ୱାଗତ କରାଯିବ । ଏହା ପରେ ଶ୍ରୀ ଶାହା ଅପରାହ୍ନ ୧୨.୧୫ ରେ ଶରଧାବାଲିଠାରେ ଅନୁଷ୍ଠିତ ହେବାକୁ ଥିବା ମହିଳା କାର୍ଯ୍ୟକର୍ତା ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗ ଦେବେ । ଅପରାହ୍ନ ୨.୩୦ରେ ଶ୍ରୀ ଶାହା ହୋଟେଲ ଗୋଲଡେନ ପ୍ୟାଲେସଠାରେ ଅନୁଷ୍ଠିତ ହେବାକୁ ଥିବା ବିଜେପି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରିବେ । ସମସ୍ତ କାର୍ଯ୍ୟକ୍ରମ ସମାପ୍ତ କରି ଶ୍ରୀ ଶାହା ସଂଧ୍ୟା ୬ଟାରେ ପୁରୀରୁ ବାହାରି ଭୁବନେଶ୍ୱର ଫେରି ଆସି ବିମାନ ଯୋଗେ ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**